ଡଃ. କିଶୋର

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

ଅକ୍ଟୋବର 7, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ମହାରାଷ୍ଟ୍ର ରାଜ୍ୟରେ ତୃତୀୟ ଶ୍ରେଣୀର ଡାକ୍ତରୀ ଅଧିକାରୀ ଭାବେ ଅସ୍ଥାୟୀ ନିଯୁକ୍ତି – ନିୟମିତକରଣ ପାଇଁ ଅସ୍ଥାୟୀ କର୍ମଚାରୀଙ୍କ ଦ୍ୱାରା ରିଟ୍ ଆବେଦନ – ଇତି ମଧ୍ୟରେ ଆବେଦନକାରୀଙ୍କ ସ୍ଥାନରେ ଲୋକ ସେବା ଆୟୋଗଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି ସ୍ଥାନାନ୍ତର ଦ୍ୱାରା ନିଯୁକ୍ତ – ଦର୍ଶାଯାଇଛି, ବିଧିବଦ୍ଧ ଭାବେ ଚୟନ ହୋଇଥିବା ପ୍ରାର୍ଥୀଙ୍କୁ ସିଧାସଳଖ କିମ୍ବା ସ୍ଥାନାନ୍ତର ଦ୍ୱାରା ନିଯୁକ୍ତି ଦିଆଯିବା ମାତ୍ରେ, ଆବେଦନକାରୀଙ୍କୁ ଏପରି ପ୍ରାର୍ଥୀଙ୍କୁ ତାଙ୍କ ସ୍ଥାନ ଦେବାକୁ ପଡ଼ିଥାଏ ।*

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 16583-84/1996 ।

ଓ. ଏ. ସଂଖ୍ୟା 400/95 ଏବଂ ସି. ପି. ସଂଖ୍ୟା 18/1994 ରେ ମହାରାଷ୍ଟ୍ର ପ୍ରଶାସନିକ ନ୍ୟାୟାଧିକରଣ, ନାଗପୁରଙ୍କ 12.4.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ପି. ଏନ୍. ଗୁପ୍ତା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଆବେଦନକାରୀଙ୍କୁ ନିୟମାବଳୀର ପରିସର ବାହାର 28 ଫେବୃଆରୀ, 1990 ରେ ତିନି ମାସର ଅବଧି ପାଇଁ ତୃତୀୟ ଶ୍ରେଣୀ ପଦବୀରେ ଡାକ୍ତରୀ ଅଧିକାରୀ ଭାବରେ ଅସ୍ଥାୟୀ ଭିତ୍ତିରେ ନିଯୁକ୍ତ କରାଯାଇଥିଲା ଏବଂ ଏହାକୁ ସମୟ ସମୟରେ ବୃଦ୍ଧି କରାଯାଇଥିଲା । ତାଙ୍କ ଚାକିରିର ସମାପ୍ତି ବିଷୟରେ ଆଶଙ୍କା କରି ସେ ନାଗପୁରସ୍ଥିତ ବମ୍ବେ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ସଂଖ୍ୟା 2661/90 ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ପ୍ରଶାସନିକ ନ୍ୟାୟାଧିକରଣଙ୍କ ନିକଟକୁ ସ୍ଥାନାନ୍ତର କରିଥିଲେ । ଟି. ଏ. ସଂଖ୍ୟା 3559/92 ରେ, ନ୍ୟାୟାଧିକରଣ ସେପ୍ଟେମ୍ବର 15, 1993 ର ଆଦେଶ ଦ୍ୱାରା ନିର୍ଦ୍ଦେଶ ଦେଇଛନ୍ତି ଯେ, ଚୟନ ମଣ୍ଡଳୀ କିମ୍ବା ମହାରାଷ୍ଟ୍ର ଲୋକ ସେବା ଆୟୋଗ ଦ୍ୱାରା ବିଧିବଦ୍ଧ

ଭାବରେ ମନୋନୀତ ପ୍ରାର୍ଥୀ ଉପଲବ୍ଧ ଏବଂ ନିଯୁକ୍ତ ନହେବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ଜାରି ରଖିବାକୁ ଅନୁମତି ଦିଆଯାଇପାରେ; ସେବା ସମାପ୍ତ କରିବା ପୂର୍ବରୁ ନୋଟିସ୍ ର ଆବଶ୍ୟକତା ସମେତ କୌଣସି ଅଧିକାରର ନିଶ୍ଚିତତା ବିନା ସେବାରେ ତାଙ୍କର କାର୍ଯ୍ୟକାଳ କେବଳ କାମଚଳା ଭିତ୍ତିରେ ଥିଲା; ସର୍ବୋତ୍ତମ ଭାବରେ, ସେ ଅନ୍ୟ ପ୍ରାର୍ଥୀଙ୍କ ସହିତ ବିଚାର ହେବାକୁ ହକଦାର ହେବେ ଏବଂ ବିଧିବଦ୍ଧ ଭାବରେ ମନୋନୀତ ପ୍ରାର୍ଥୀ ନିଯୁକ୍ତ ହେବା ମାତ୍ରେ, ବିନା ନୋଟିସରେ ମଧ୍ୟ ତାଙ୍କ ସେବା ସମାପ୍ତ ହେବାକୁ ଯୋଗ୍ୟ ଅଟେ । ଜାନୁଆରୀ 4,1994ର କାର୍ଯ୍ୟବିଧି ଅନୁଯାୟୀ, ଲୋକ ସେବା ଆୟୋଗ ଦ୍ୱାରା ମନୋନୀତ ହୋଇଥିବା ତୃତୀୟ ଶ୍ରେଣୀର ଡାକ୍ତରୀ ଅଧିକାରୀ ଡଃ ଏସ୍. ଏସ୍. ସୋଲାଙ୍କିଙ୍କୁ ଆବେଦନକାରୀଙ୍କ ସ୍ଥାନରେ ତାଙ୍କ ଅନୁରୋଧ କ୍ରମେ ବଦଳି କରି ନିଯୁକ୍ତି ଦିଆଯାଇଥିଲା । ଆବେଦନକାରୀ ଓ ଏ ସଂଖ୍ୟା 400/95 ରେ ସମାପ୍ତି ଆଦେଶକୁ ଆପତ୍ତି କରିଛନ୍ତି ଏବଂ ନ୍ୟାୟାଧିକରଣ ଏପ୍ରିଲ 12, 1996 ତାରିଖର ଆକ୍ଷେପିତ ଆଦେଶରେ ଆବେଦନକୁ ଖାରଜ କରିଦେଇଛନ୍ତି । ତେଣୁ, ଏହି ସ୍ୱତନ୍ତ୍ର ଅନୁମତି ଆବେଦନଗୁଡ଼ିକ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ, ଯେହେତୁ ଖାଲି ପଦବୀ ବିଦ୍ୟମାନ ଅଛି, ସ୍ଥାନାନ୍ତର ଦ୍ୱାରା ଡଃ ସୋଲାଙ୍କିଙ୍କ ନିଯୁକ୍ତିକୁ ଆବେଦନକାରୀଙ୍କ ସେବା ସମାପ୍ତ କରିବାର ଉପାୟ ଭାବରେ ବ୍ୟବହାର କରାଯାଇପାରିବ ନାହିଁ । ଆମେ ଯୁକ୍ତିକୁ ତର୍ଜମା କରିବାରେ ବିଫଳ ହେଉଛୁ । ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ଯଥାର୍ଥ ଭାବରେ ସ୍ୱୀକାର କରାଯାଇଛି ଯେ, ଆବେଦନକାରୀଙ୍କ ପଦବୀ ଉପରେ କୌଣସି ଅଧିକାର ନାହିଁ ଏବଂ ତାଙ୍କ ସ୍ଥାନରେ ବିଧିବଦ୍ଧ ଭାବରେ ମନୋନୀତ ପ୍ରାର୍ଥୀ ନିଯୁକ୍ତ ହେବା ମାତ୍ରେ ତାଙ୍କୁ ବିଧିବଦ୍ଧ ଭାବରେ ମନୋନୀତ ପ୍ରାର୍ଥୀଙ୍କୁ ତାଙ୍କ ପଦବୀ ଦେବାକୁ ପଡ଼ିବ । କିନ୍ତୁ ତାଙ୍କର ଯୁକ୍ତି ହେଉଛି ଯେ, ଯେହେତୁ ଡଃ ସୋଲାଙ୍କି ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶ ପୂର୍ବରୁ ମନୋନୀତ ହୋଇଥିଲେ ଏବଂ ତାଙ୍କର ସ୍ଥାନାନ୍ତର ହେବାରୁ ନିଯୁକ୍ତ ହୋଇଥିଲେ, ତେଣୁ ଆବେଦନକାରୀଙ୍କ ସେବା ସମାପ୍ତ କରିବା ପାଇଁ ଏହାକୁ ଏକ ମାଧ୍ୟମ ଭାବରେ ବ୍ୟବହାର କରାଯାଇପାରିବ ନାହିଁ । ତାଙ୍କ ଯୁକ୍ତିରେ କୌଣସି ଦୃଢତା ନାହିଁ । ବିଧିବଦ୍ଧ ଭାବେ ଚୟନ ହୋଇଥିବା ପ୍ରାର୍ଥୀଙ୍କୁ ସିଧାସଳଖ କିମ୍ବା ସ୍ଥାନାନ୍ତର ଦ୍ୱାରା ନିଯୁକ୍ତି ଦିଆଯିବା ମାତ୍ରେ, ଆବେଦନକାରୀଙ୍କୁ ଏପରି ପ୍ରାର୍ଥୀଙ୍କୁ ତାଙ୍କ ସ୍ଥାନ ଦେବାକୁ ପଡ଼ିବ । ତେଣୁ ଏହି ଆବେଦନଗୁଡ଼ିକ ହସ୍ତକ୍ଷେପ ଯୋଗ୍ୟ ନୁହେଁ ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନଗୁଡ଼ିକୁ ଖାରଜ କରାଗଲା ।

ଆର୍. ପି. ଆବେଦନ ଖାରଜ କରାଗଲା ।

## ଅସ୍ୱୀକରଣ

“ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ” ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ